## ସଂକ୍ଷେପରେ

### ବନ୍ଧୁକ ଲାଇସେନ୍ସ କରାଇଦେବା ନାମରେ ଠକେଇ, ଜଣେ ଗିରଫ

ପୁରୁଷୋତ୍ତମପୁର, ୧୨।୫(ଡି.ଏନ୍.ଏ.): ବନ୍ଧୁକ ଲାଇସେନ୍ସ କରାଇଦେବାକୁ କହି ଦୁଇ ଜଣ ବ୍ୟକ୍ତିଙ୍କ ଠାରୁ ୧ଲକ୍ଷ ୪୬ ହଜାର ଟଙ୍କା ଠକିନେଇଥିବା ଅଭିଯୋଗରେ ପୁରୁଷୋତ୍ତମପୁର ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିବା ଗଞ୍ଜାମ ଏସପି ଜଗନ ମୋହନ ମିନା ଶୁକ୍ରବାର ସୂଚନା ଦେଇଛନ୍ତି। ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଥାନା ଭୀମପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ବାରିକ। ଗତ ୨୦୨୨ ସେପ୍ଟେମ୍ବର ୧୮ହରେ ପୁରୁଷୋତ୍ତମପୁର ଥାନା ଦେଉଳପଲୀର ରାକେଶ ମୁନୀଙ୍କ ଠାରୁ ବନ୍ଧୁକ ଲାଇସେନ୍ସ କରାଇଦେବା ଲାଗି ୬୫ ହଜାର ଟଙ୍କା ନେଇଥିଲେ। ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଲାଇସେନ୍ସ କରାଇ ନ ଥିଲେ। ଏ ନେଇ ସେ ଜାନୁଆରୀ ୮ରେ ଥାନାରେ ଅଭିଯୋଗ କରିଥିଲେ। ସେହିପରି ଗଞ୍ଜାମ ଥାନା ଅନ୍ତର୍ଗତ ପୁଇଁତଳା ଗ୍ରାମର ସୁରେଶ କୁମାର ନନ୍ଦଙ୍କ ଠାରୁ ମଧ୍ୟ ୮୧ ହଜାର ଟଙ୍କା ଠକି ନେଇଥିବା ନେଇ ଗୁରୁବାର ଅଭିଯୋଗ ହୋଇଛି। ପୋଲିସ ଦୁଇଟି ମାମଲା ରୁଜୁ କରି ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ରଙ୍କୁ ଗିରଫ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

### ଫେରାର ଅଭିଯୁକ୍ତ ଗିରଫ

ଆସିକା ୧୨।୫ (ଡି.ଏନ୍.ଏ) ଗାଙ୍ଗପୁର ଥାନା ଅନ୍ତର୍ଗତ ବଡବୋରସିଂି ଗ୍ରାମରୁ ଶୁକ୍ରବାର ପୋଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣକ ସେହି ଗ୍ରାମର କବି ଭୋଳ। ୨୦୧୩ରେ ଅଭିଯୁକ୍ତ ଜଣକ ଏକ ହତ୍ୟା ଉଦ୍ୟମ ମାମଲାରେ ସଂପୃକ୍ତ ଥିଲେ। ତେବେ ଅଦାଲତରେ ହାଜର ହେଉନଥିବାରୁ ଅଦାଲତ ପକ୍ଷରୁ ଅଭିଯୁକ୍ତଙ୍କ ବିରୁଦ୍ଧରେ ଜାରି କରାଯାଇଥିବା ୱାରେଣ୍ଟ ବଳରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।

### ଗୋଷ୍ଠୀ ସଂଘର୍ଷ ମାମଲା: ଜଣେ ଗିରଫ

ଦିଗପହଣ୍ଡି, ୧୨।୫(ଡି.ଏନ୍.ଏ.)- ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବମକୋଇ ଗ୍ରାମରେ ଠାକୁରାଣୀ ଯାତ୍ରା ଅବସରରେ ଗତ ମଙ୍ଗଳବାର ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସମୟରେ ସଂଘଟିତ ଗୋଷ୍ଠୀ ସଂଘର୍ଷ ମାମଲାରେ କେ. ନୂଆଗାଁ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ବମକୋଇ ଗ୍ରାମର ଶ୍ରୀକାନ୍ତ ପ୍ରଧାନ। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି।

# ଶିକ୍ଷକଙ୍କ ପଦୋନ୍ନତିରେ ନିୟମକୁ ଅଣଦେଖା ଅଭିଯୋଗ

## ଜିଲାପାଳଙ୍କୁ ଭେଟିଲେ ପ୍ରାଥମିକ ଶିକ୍ଷକ

ଫୁଲବାଣୀ ଅଫିସ, ୧୨।୫:

କନ୍ଧମାଳ ଜିଲାରେ ଶିକ୍ଷକଙ୍କ ପଦୋନ୍ନତିରେ ଦୁର୍ନୀତିର ଗନ୍ଧ ବାରିହୋଇଛି। ପ୍ରାଥମିକ ଶିକ୍ଷକ (ପ୍ରାଇମେରୀ ଟିଚର) ଲେଭେଲ ୪ରୁ ଲେଭେଲ ୩କୁ ପଦୋନ୍ନତିରେ ଥିବା ୨୦୧୯ ଶିକ୍ଷା ନିୟମକୁ ଅଣଦେଖା କରାଯାଇଛି । ଜିଲା ଶିକ୍ଷାଧିକାରୀ ଏହି କାର୍ଯ୍ୟରେ ଖୋଦ ସମ୍ପୃକ୍ତ ଅଛନ୍ତି । ଉପଯୁକ୍ତ ନିୟମକୁ ପାଳନ ନ କରି ସେ କିଛି ଶିକ୍ଷକଙ୍କୁ ଏହି ପଦୋନ୍ନତୀ ଦେବାକୁ ଏକ ତାଲିକା ପ୍ରସ୍ତୁତ କରିଛନ୍ତି। ଏହାର ତଦନ୍ତର ଆବଶ୍ୟକତା ଅଛି ବୋଲି ଶୁକ୍ରବାର ଜିଲା ପ୍ରାଥମିକ ଶିକ୍ଷକମାନେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିବା ସହିତ ଦାବିପତ୍ର ପ୍ରଦାନ କରିଛନ୍ତି।

ଗତ ୧୦ ତାରିଖରେ ଜିଲା ଶିକ୍ଷାଧିକାରୀ ସମସ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ଲେଭେଲ ୪ ପ୍ରାଥମିକ ଶିକ୍ଷକରୁ ଲେଭେଲ ୩କୁ ପଦୋନ୍ନତୀ ପାଇଁ ଏକ କାଉନସେଲିଂ ନିମନ୍ତେ ୨୩ ତାରିଖକୁ ଚିଠି ନଂ ୪୦୪୮ରେ ଦିନ ଧାର୍ଯ୍ୟ କରିଛନ୍ତି। କିନ୍ତୁ ଏହି ବିଷୟରେ ଜିଲା ଶିକ୍ଷାଧିକାରୀଙ୍କୁ ଭେଟି, ପୂର୍ବ ବୃତାନ୍ତ ଗ୍ରେଡେସନ ଲିଷ୍ଟରେ ଭୁଲ ରହିଥିବା ନେଇ ଆମେ ଅବଗତ କରିଛୁ । ଅନେକ ଶିକ୍ଷକ ଏହି ପଦୋନ୍ନତି ପାଇଁ ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଅର୍ଜନ କରିଛନ୍ତି ।


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଶିକ୍ଷୟିତ୍ରୀ, ଶିକ୍ଷକ ।

ହେଲେ ସେମାନେ ଚାକିରୀ(କାର୍ଯ୍ୟରେ) ଥାଇ ଶିକ୍ଷା ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ବିନା ଅନୁମତିରେ ଏହି ଯୋଗ୍ୟତା ହାସଲ କରିଛନ୍ତି, ଯାହା ପ୍ରାଥମିକ ଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ନୋଟିଫିକେସନ ନଂ ୧୦୬୮୬ ତା ୬।୫।୨୦୨୩ରେ ଉଲ୍ଲେଖ ରହିଛି। କିନ୍ତୁ ଏହି ନିର୍ଦ୍ଦେଶକୁ ଜିଲା ଶିକ୍ଷାଧିକାରୀ ମାନି ନାହାନ୍ତି । ଯେଉଁମାନଙ୍କୁ ନିୟମ ବହିର୍ଭୂତ ଭାବେ ପଦୋନ୍ନତୀ ପାଇଁ ବଛାଯାଇଛି, ସେମାନଙ୍କୁ ବୃତାନ୍ତ ଗ୍ରେଡେସନ ଲିଷ୍ଟରେ ନ ରଖିବାକୁ ଆମେ ଦାବି କରିଛୁ । ଜିଲା ଶିକ୍ଷାଧିକାରୀ ସମସ୍ତ ନିୟମ ଉଲ୍ଲଂଘନ କରି ପୂର୍ବ ଗ୍ରେଡେସନ ଲିଷ୍ଟକୁ କାର୍ଯ୍ୟକାରୀ କରିବାକୁ ଉଦ୍ୟମ କରୁଛନ୍ତି । ଏଥିରେ ସମ୍ପୂର୍ଣ୍ଣ ଭାବେ ଦୁର୍ନୀତି କରାଯାଇଛି, ଯେଉଁଠି ଅନ୍ୟ ଜିଲାର ଶିକ୍ଷାଧିକାରୀ ବ୍ଲକ ଶିକ୍ଷାଧିକାରୀମାନଙ୍କୁ ଉପଯୁକ୍ତ ପ୍ରମାଣପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଏହି ଘଟଣାରେ ଜିଲା ଶିକ୍ଷାଧିକାରୀଙ୍କ ଦ୍ୱାରା ତିଆରି ହୋଇଥିବା ଶିକ୍ଷକଙ୍କ ତାଲିକାର ତଦନ୍ତ କରିବା ସହ ଉପଯୁକ୍ତ ଯୋଗ୍ୟତା ଥିବା ଶିକ୍ଷକଙ୍କ ପଦୋନ୍ନତୀ ପାଇଁ ଏକ ନୂଆ ତାଲିକା ତିଆରି କରିବାକୁ ଶିକ୍ଷକ ବିରେନ୍ଦ୍ର କୁମାର ଦିଗାଲ, ଅଞ୍ଜନ କୁମାର ନାୟକ, ଦେବେନ୍ଦ୍ର ବେହେରା, ଅଜୟ କିଶୋର ଭଞ୍ଜ, ଉଷାରାଣୀ ମିଶ୍ର, ଦୃତିକୃଷ୍ଣ ପଣ୍ଡାଙ୍କ ସହ ଅନ୍ୟମାନେ ପ୍ରକାଶ କରିଛନ୍ତି । ଏ ନେଇ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡଙ୍ଗୀଙ୍କୁ ପଚାରିବାରୁ ଯେତେ ବେଳେ ଆମେ ଲିଷ୍ଟ କରିଥିଲୁ ସେତେବେଳେ ବିଇଓଙ୍କୁ କହିଥିଲୁ । ସେମାନେ ସେତେବେଳେ ଅଭିଯୋଗ କରିବା କଥା । ଯଦି ଏବେ କହନ୍ତେ ତାହାଲେ ସେହି ଶିକ୍ଷକମାନଙ୍କ ନାଁ କୁହନ୍ତୁ । ଆମେ ସେମାନଙ୍କ ନାଁ କାଟିବାକୁ ନିର୍ଦ୍ଦେଶକଙ୍କୁ କହିବୁ ବୋଲି ପ୍ରକାଶ କରିଛନ୍ତି ।

# ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ସହ ୨ ଜଣଙ୍କୁ ଜେଲ

## ସରକାରୀ ଅର୍ଥ ଆତ୍ମସାତ ମାମଲା

ଫୁଲବାଣୀ ଅଫିସ, ୧୨।୫

ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗ ମାମଲାର ବିଚାର କରି ଶୁକ୍ରବାର ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସମର ବିଳାସ ବେହେରା ଏହି ଘଟଣାରେ ସମ୍ପୃକ୍ତ ଜଣେ ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ସମେତ ୨ ଜଣଙ୍କୁ ୪ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଏହା ଅନାଦେୟ ସେମାନଙ୍କୁ ଅଧିକ ୬ ମାସ ଜେଲ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତମାନେ ହେଲେ ଖଜୁରିପଡ଼ା ବ୍ଲକ ଘାଟିତଳ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତତ୍କାଳୀନ ପ୍ରଧାନ ଶିକ୍ଷକ କିଶୋର କୁମାର ଦାସ, ସର୍ବଶିକ୍ଷା ଅଭିଯାନର ବୈଷୟିକ ପରାମର୍ଶଦାତା ପୃଥ୍ୱୀରାଜ ଲେଙ୍କା ଓ ବିଦ୍ୟାଳୟ କମିଟି ସଭାପତି ସୁବୀନ୍ଦ୍ର କହଁର।

୨୦୧୪ରେ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ୯ ଲକ୍ଷ ୯୬ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଏହି ଅର୍ଥରୁ ୮ ଲକ୍ଷ ୯୬ ହଜାର ଟଙ୍କା ଉଠାଯାଇଥିଲା। ହେଲେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିଲା। ଅଭିଯୁକ୍ତମାନେ କାମ ନ କରି ଏହି ଅର୍ଥ ହଡ଼ପ କରିବା ଅଭିଯୋଗ ହୋଇଥିଲା। ଏ ନେଇ ଭିଜିଲାନ୍ସରେ ଅଭିଯୋଗ ହେବା ପରେ ଡିଏସ୍‌ପି ହରେକୃଷ୍ଣ ବେହେରା ଏହାର ତଦନ୍ତ କରିଥିଲେ । ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ନଂ. ୩/୧୪ ରେ ଏକ ମାମଲା ରୁଜୁ କରାଯାଇଥିଲା। ମୋଟ ୨୧ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଭି.ଭି ରାମଦାସ ମାମଲା ପରିଚାଳନା କରୁଥିଲେ।

# ବିଦାୟ ସମ୍ବର୍ଦ୍ଧନା ଉତ୍ସବ


କାର୍ଯ୍ୟକ୍ରମରେ ବିଦାୟୀ ଛାତ୍ରୀଛାତ୍ର ।

ଆସିକା, ୧୨।୫ (ଡି.ଏନ୍.ଏ): ଆସିକା ବ୍ଲକ୍ ଅନ୍ତର୍ଗତ କେନ୍ଦୁପଦରସ୍ଥିତ ଏନବିନସି କଲେଜ ପରିସରରେ ଶୁକ୍ରବାର ଉଦ୍ଭିଦ ବିଜ୍ଞାନ ୩ୟ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଡ. ସୁରେନ୍ଦ୍ର ନାଥ ସାବତ ଅଧକ୍ଷତା କରିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପକ ସଂଗ୍ରାମ କୁମାର ପଣ୍ଡା, ଅଧ୍ୟାପକ ଅଜିତ କୁମାର ମହାପାତ୍ର, ଅଧ୍ୟାପିକା ଜସ୍ମିନା ନାୟକ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ।

# ମହାନଦୀ ମେଗା ପାନୀୟ ଜଳ ପ୍ରକଳ୍ପ

## ୨୫୩ ପଞ୍ଚାୟତ, ୩ ଏନ୍‌ଏସି ପାଇଁ ୧୯୭୦ କୋଟି ଖର୍ଚ୍ଚ ହେବ

ଭଞ୍ଜନଗର, ୧୨।୫(ଡି.ଏନ.ଏ):

୨୦୨୪ ସୁଧା ରାଜ୍ୟର ସମସ୍ତ ଘରକୁ ପାଇପ ଯୋଗେ ପିଇବା ପାଣି ଯୋଗାଣ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ୪୦ଟି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲାର ୧୧ଟି ବ୍ଲକ ଏବଂ ୩ଟି ଏନ୍‌ଏସିରେ ବସବାସ କରୁଥିବା ଲୋକଙ୍କୁ ପାଇପ ଯୋଗେ ପାଣି ଯୋଗାଣ ପାଇଁ ମହାନଦୀ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏ ବାବଦରେ ୧୯୭୩ କୋଟି ଟଙ୍କା ଖର୍ଚ୍ଚ ହେବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ତାହା ହେଉଛି। କିଛିଦିନ ପୂର୍ବେ ଟେଣ୍ଡର ଖୋଲିଥିବା ବେଳେ ଏଲ୍‌ଆଣ୍ଡଟି କମ୍ପାନି ତାହାର ଦାୟିତ୍ୱ ନେଇଛି । ତେଣୁ କମ୍ପାନୀ ପକ୍ଷରୁ ପୁନଃ ସର୍ଭେ କାର୍ଯ୍ୟ ବର୍ତ୍ତମାନ ଚାଲିଛି। ଏହାପରେ କାମ ଆରମ୍ଭ ହେବ। ପ୍ରକଳ୍ପ କାମ ୨ବର୍ଷ ମଧ୍ୟରେ ସରିବା ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ବେଲଗୁଣ୍ଠା ବ୍ଲକ ଓ ଏନ୍‌ଏସି, ବୁଗୁଡ଼ା ବ୍ଲକ ଓ ଏନ୍‌ଏସି, ପୋଲସରା ବ୍ଲକ ଓ ଏନ୍‌ଏସି ଏବଂ ଭଞ୍ଜନଗର, ଜଗନ୍ନାଥପ୍ରସାଦ, ପୁରୁଷୋତ୍ତମପୁର, ସୋରଡ଼ା, ଆସିକା, ଧରାକୋଟ, କବିସୂର୍ଯ୍ୟନଗର ବ୍ଲକ ଓ ବେଗୁନିଆପଡ଼ା ବ୍ଲକର ଦୁଇ ଗ୍ରାମବାସୀ ସୁବିଧା ପାଇବେ। ୨୫୩ଟି ପଞ୍ଚାୟତରେ ଗୋଟିଏ ଲେଖାଏଁ ପମ୍ପ ଏବଂ ଗୋଟିଏ ଓଭର ହେଡ୍ ପାଣି ଟାଙ୍କି ରହିବ । ବର୍ତ୍ତମାନ ୧ଲକ୍ଷ ୯୮ ହଜାରରୁ ଊର୍ଦ୍ଧ୍ୱ ଘର ଥିବାବେଳେ ସେଥିମଧ୍ୟରେ ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି । ବର୍ତ୍ତମାନ ୬୦ ପ୍ରତିଶତ ଲୋକଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ପାଇପ ଯୋଗେ ପାଣି ଯୋଗାଣ ହେଉଛି। ବଳକା ଲୋକଙ୍କୁ ମେଗା ପ୍ରକଳ୍ପ ହେବାପରେ ପାଣି ଯୋଗାଣ ହେବ। ନୟାଗଡ଼ ଜିଲା ଦଶପଲ୍ଲା ନିକଟସ୍ଥ ଗଣିଆ ଛାମୁଣ୍ଡିଆ ଠାରୁ ମହାନଦୀରୁ ପାଇପ ଯୋଗେ ଜଗନ୍ନାଥପ୍ରସାଦ ବ୍ଲକ ଗାୟଗଣ୍ଡା ଠାରେ ହେବାକୁ ଥିବା ବିରାଟ ସମ୍ପକୁ ପାଣି ଅଣାଯିବ। ସେଠାରେ ପାଣିକୁ ବିଶୋଧନ କରି ସମସ୍ତ ଅଞ୍ଚଳକୁ ଛଡ଼ାଯିବ। ତେଣୁ ଗାୟଗଣ୍ଡାଠାରେ ୧୬ ଏକର ଜମି ନିଆଯାଇଛି। ଏଥିସହ ପ୍ରତ୍ୟେକ ପଞ୍ଚାୟତରେ ସମ୍ପ ନିର୍ମାଣ ପାଇଁ ମଧ୍ୟ ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲିଛି। ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳ ବାରମ୍ବାର ଅନୁଧ୍ୟାନ କରୁଛନ୍ତି। ଏନେଇ ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗ ଅଧିକ୍ଷଣଯନ୍ତ୍ରୀ ସରୋଜ କୁମାର କର କହିଛନ୍ତି, କମ୍ପାନୀ ସର୍ଭେ ଆରମ୍ଭ କରିଛି। ଆଗାମୀ ଦିନରେ ଲୋକେ ତାହାର ସୁଫଳ ପାଇବେ। ଯେଉଁ ଅଞ୍ଚଳରେ ବିଦ୍ୟୁତ୍ ସେବା ନାହିଁ ସେଠି ସୋଲାର ବିଦ୍ୟୁତ୍ ମାଧ୍ୟମରେ ପାଣି ଯୋଗାଣ ହେବ।

## ବଦଳିଲେ ୩ ମଣ୍ଡଳ ଭାଜପା ସଭାପତି

ଛତ୍ରପୁର, ୧୨।୫ (ଡି.ଏନ୍.ଏ.):

ଛତ୍ରପୁର ନିର୍ବାଚନ ମଣ୍ଡଳୀର ଗଞ୍ଜାମ ଏନ୍‌ଏସି, ଟାଙ୍ଗଣାପଲ୍ଲୀ ଓ କଣମଣା ମଣ୍ଡଳ ଭାଜପା ସଭାପତି ପରିବର୍ତ୍ତନ କରାଯାଇଛି। ଗଞ୍ଜାମ ଏନ୍‌ଏସିର ମଣ୍ଡଳ ସଭାପତି ଭାବେ ଗୁରୁଚରଣ ରାଉଳ, ଟାଙ୍ଗଣାପଲ୍ଲୀ ମଣ୍ଡଳ ସଭାପତି ଭାବେ ସମ୍ପଦ ନାହକ ଓ କଣମଣା ମଣ୍ଡଳ ସଭାପତି ଭାବେ ଏନ ଦୀନବନ୍ଧୁଙ୍କୁ ଘୋଷଣା କରାଯାଇଛି। ଗଞ୍ଜାମ ଜିଲା ଭାଜପା ସଭାପତି ବିଭୁତି ଭୂଷଣ ଜେନା, ଛତ୍ରପୁର ନିର୍ବାଚନମଣ୍ଡଳୀ ନେତା ପ୍ରଶାନ୍ତ କୁମାର କର, ଛତ୍ରପୁର ମଣ୍ଡଳ ସଭାପତି ସଞ୍ଜିବ ରାଉଳ, ବ୍ରହ୍ମପୁର ଲୋକସଭା ସଂଯୋଜକ ଡା. ସୁବାସ ସାହୁ, ଛତ୍ରପୁର ବିଧାନସଭା ସଂଯୋଜକ ବସନ୍ତ ବେହେରା, ରାଜ୍ୟ ହରିଜନ ମୋର୍ଚ୍ଚା ଉପସଭାପତି କୃଷ୍ଣଚନ୍ଦ୍ର ନାୟକ, ଜିଲା ସମ୍ପାଦକ ଲକ୍ଷ୍ମୀନାରାୟଣ ପଣ୍ଡା, ଜିଲା ଓବିସି ମୋର୍ଚ୍ଚା ସମ୍ପାଦକ ବି. ଶଙ୍କର ରେଡ୍ଡୀ, ଜିଲା ଓବିସି ମୋର୍ଚ୍ଚା ଉପ ସଭାପତି କେ. ଚନ୍ଦ୍ରଶେଖର ରେଡ୍ଡୀ, ଟାଙ୍ଗଣାପଲ୍ଲୀ ମଣ୍ଡଳ ସାଧାରଣ ସମ୍ପାଦକ ଅର୍ଜୁନ ବେହେରା ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ

ଶେରଗଡ, ୧୨।୫ (ଡି.ଏନ.ଏ.): ଗତ ୭ ତାରିଖରେ ୫-ଟି ସଚିବ ଭି.କେ ପାଣ୍ଡିଆନ ଶେରଗଡ ଗସ୍ତ କରିଥିଲେ। ଏହି ସମୟରେ ସେ ଠୁରୁବୁରାଇ ହନୁମାନ ମନ୍ଦିର ଛକରେ ବହୁ ଲୋକଙ୍କୁ ଭେଟି ଥିଲେ। ୫-ଟି ସଚିବଙ୍କ ଗସ୍ତ ବେଳେ ଗୋଠଗାଁର ଦିବ୍ୟାଙ୍ଗ କବିରାଜ ବିଶ୍ୱାଳ ଗୋଟିଏ ଟ୍ରାଇ ସାଇକେଲ ପାଇଁ ଦରଖାସ୍ତ କରିଥିଲେ। ତାଙ୍କୁ ଶୀଘ୍ର ଟ୍ରାଇ ସାଇକେଲ ଦିଆଯିବ ବୋଲି ପାଣ୍ଡିଆନ ପ୍ରତିଶ୍ରୁତି ଦେଇଥିଲେ। ଶୁକ୍ରବାର ରାତିରେ ସରକାର ପକ୍ଷରୁ ବିଡିଓ ଶିବାଶିଷ ବରାଳ, ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ ପ୍ରମୁଖ ଗୋଠଗାଁରେ ପହଞ୍ଚି ସରପଞ୍ଚ କୃଷ୍ଣଚନ୍ଦ୍ର ସୁଆଁସିଆ, ସୁରେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତରେ ମୋଟର ଚାଳିତ ଟ୍ରାଇ ସାଇକେଲ ପ୍ରଦାନ କରିଛନ୍ତି।



# ପୋଖରୀ ପୁନରୁଦ୍ଧାର ପାଇଁ ଦାବିପତ୍ର

ଗଞ୍ଜାମ, ୧୨।୫(ଡି.ଏନ.ଏ.)

ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ୱାର୍ଡ ନଂ ୭ ବାଲିସାହିରେ ଦୀର୍ଘ ବର୍ଷ ହେବ ପୋଖରୀର ପୁନଃ ଉଦ୍ଧାର ହୋଇନଥିବା ଅଭିଯୋଗ ହୋଇଛି। ଏନ୍‌ଏସି ପ୍ରଶାସନକୁ ବାରମ୍ବାର ଅବଗତ କରାଯାଇଛି ହେଲେ କୌଣସି ସୁଫଳ ମିଳିନି ବୋଲି ସାହି ବାସିନ୍ଦା ଅଭିଯୋଗ କରିଛନ୍ତି। ଏ ନେଇ ଗୁରୁବାର ଅପରାହ୍ନରେ ସାହି ବାସିନ୍ଦା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ରଙ୍କୁ ଭେଟି ବର୍ଷା ଦିନ ପୂର୍ବରୁ ସାହିର ପୋଖରୀ ପୁନଃ ଉଦ୍ଧାର କରିବା ଲାଗି ପୁଣି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେହି ସାହିରେ



ପ୍ରାୟ ଷାଠିଏରୁ ଊର୍ଦ୍ଧ୍ୱ ହରିଜନ ପରିବାର ବାସ କରୁଛନ୍ତି। ସେମାନେ ହରିଜନ ଜାତିର ହୋଇଥିବା ଯୋଗୁ ଅନ୍ୟ ଗାଁ ବା ସାହି ପୋଖରୀକୁ ଗାଧୋଇବାକୁ ଗଲେ ସେଠାରେ ଜାତିଆଣ ଭେଦ କଥା ଉଠୁଥିବା ଦାବି ପତ୍ରରେ ଉଲ୍ଲେଖ ରହିଛି। ଏଥିସହ ସାହି ବାରିପଟେ ଏକ ପୋଖରୀ ରହିଛି ଆଉ ତାହା ପ୍ରାୟ ଦଶ ବର୍ଷରୁ ଊର୍ଦ୍ଧ୍ୱ ହେବ ପାଣି ସୁଖି ଫାଟି ପଡି ରହିଛି। ଅନ୍ୟପଟେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯେତିକି ସମୟ ପିଇବା ପାଣି ଛଡା ଯାଉଛି ସେଥିରୁ ପିଇବାକୁ ପାଣି ନିଅଣ୍ଟ ପଡୁଛି ଆଉ ଗାଧୋଇବୁ କେମିତି ବୋଲି ସାହି ବାସିନ୍ଦା ଦାବିପତ୍ରରେ ଦର୍ଶାଇଛନ୍ତି। ଦିନ ପୂର୍ବରୁ ଏହାକୁ ଖୋଳାଯାଇ ଏହାର ପୁନଃ ଉଦ୍ଧାର କରାଯାଉ ବୋଲି ସାହି ବାସିନ୍ଦା ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ବାଧ୍ୟ ହୋଇ ଆମେ ଆନ୍ଦୋଳନର ପନ୍ଥା ଗ୍ରହଣ କରିବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସାହିର ସୁରେନ୍ଦ୍ର କୁମାର ନାୟକ, ସନ୍ତୋଷ ନାୟକ, ପ୍ରଶାନ୍ତ ନାୟକ, ବାବୁ ନାୟକ, ସୁକାନ୍ତି ନାୟକ, ସୁଜାତା ନାୟକ, ବାସନ୍ତୀ ନାୟକ, ଝୁନା ନାୟକ, ସନ୍ତୋଷୀ ନାୟକଙ୍କ ସମେତ ୬୦ରୁ ଊର୍ଦ୍ଧ୍ୱ ସାହିବାସୀ ଉପସ୍ଥିତ ଥିଲେ।

# ବଳାତ୍କାର ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

ଛତ୍ରପୁର, ୧୨।୫(ଡି.ଏନ୍.ଏ.): ଗଞ୍ଜାମ ବ୍ଲକ ମାଳି ଜଗନ୍ନାଥପୁର ଗାଁରେ ୨୦୧୮ ମେ' ୫ ତାରିଖରେ ଘଟିଥିବା ଏକ ବଳାତ୍କାର ମାମଲାର ବିଚାର କରି ଛତ୍ରପୁର ଏଡିଜେ ମନୋରଞ୍ଜନ ଦାଶ ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଦେବାକୁ ରାୟ ଶୁଣାଇଛନ୍ତି। ଜରିମାନା ଅନାଦାୟେ ଅତିରିକ୍ତ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ଜଣଙ୍କ ହେଲେ ମାଳିଜଗନ୍ନାଥପୁର ଗାଁର ସୁଦର୍ଶନ ମହାପାତ୍ର ଓ ସେ ବିବାହିତ ବୋଲି ଜଣାପଡ଼ିଛି। ସରକାରଙ୍କ ପକ୍ଷରୁ ଓକିଲ ଡମିନାଥ ସାହୁ ମାମଲା ପରିଚାଳନା କରୁଥିଲେ।

# ପଞ୍ଚାୟତ ସମିତି ବୈଠକ ହେଉ ନଥିବା ଅଭିଯୋଗ

ଗୋପାଳପୁର, ୧୨।୫(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ପଞ୍ଚାୟତ ସମିତି ପକ୍ଷରୁ ଦୀର୍ଘ ଏକ ବର୍ଷ ହେଲା ସମିତି ବୈଠକ ହୋଉନଥିବା ଅଭିଯୋଗ ନେଇ ଶୁକ୍ରବାର ବିଧାୟକ ପ୍ରତିନିଧିଙ୍କ ନେତୃତ୍ୱରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସମିତି ଗଠନ ପରଠାରୁ ଦୀର୍ଘ ଏକ ବର୍ଷ ବିତିଯାଇଥିଲେ ମଧ୍ୟ କେବଳ ଗୋଟିଏ ବୈଠକ ଗତ ମେ ୫ ତାରିଖ ବ୍ୟତୀତ କୌଣସି ବୈଠକ ଅନୁଷ୍ଠିତ ହୋଇନାହିଁ। ଫଳରେ ଏହି ବ୍ଲକରେ ଲାଞ୍ଚ କାରବାର, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦଳୀୟ ଲୋକଙ୍କୁ ଅଗ୍ରାଧିକାର ଭାବେ ଘରଦେବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଲୋକ ବଦଳରେ ମେଶିନ ଦ୍ୱାରା କାମ କରିବା ଓ ମିଛ ମାଷ୍ଟର ରୋଲ୍ ବାହାର କରି ସରକାରୀ ଅର୍ଥ ଲୁଟିବା, ବିଜେଡି ଦଳୀୟ ଲୋକଙ୍କୁ କାମ ଦେଇ ଅନୁକମ୍ପା ଦେଖାଇବା, ପାନୀୟଜଳ ଯୋଗାଣରେ ମିଥ୍ୟା ବିଲ୍ କରିବା ଓ ବିଭିନ୍ନ ଦୁର୍ନୀତିମୂଳକ କାର୍ଯ୍ୟର ଗୁମର ଖୋଲିଯିବା ଭୟରେ ଏକ ବର୍ଷ ହେଲା ପଞ୍ଚାୟତ ସମିତି ବୈଠକ ଡକା ଯାଇନାହିଁ ବୋଲି ଅଭିଯୋଗ ପତ୍ରରେ ଉଲେଖ ରହିଛି। ଦାବି ପତ୍ର ପ୍ରଦାନର ୧୫ଦିନ ମଧ୍ୟରେ ପଞ୍ଚାୟତ ସମିତି ବୈଠକ ଡକାଯାଉ ନଚେତ କ୍ରମାଗତ ଭାବରେ ତିନି ଗୋଟି ବୈଠକ ଡକା ଯାଇନଥିବାରୁ ଉକ୍ତ ସମିତି ପରିଷଦକୁ ତତ୍କାଳୀନ ଭଙ୍ଗ କରାଯାଇ ଆଗାମୀ ଦିନରେ ସାନିସମିତି ନିର୍ବାଚନ ପାଇଁ ତାରିଖ ଘୋଷଣା କରାଯାଉ ଏବଂ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆମ୍ଭେ ହଜାର ହଜାର ସଂଖ୍ୟାରେ ସାଧାରଣ ଲୋକ ଆପଣଙ୍କ କାର୍ଯ୍ୟାଳୟ ଆଗରେ ଅହିଂସା ମାର୍ଗରେ ଶାନ୍ତିପୂର୍ଣ୍ଣଭାବେ ଅଭିଯୋଗ କରି ଦାବି ହାସଲ କରିବା ପାଇଁ ଦାବିପତ୍ରରେ ଅନୁରୋଧ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲଲାଟେନ୍ଦୁ ସାହୁ, ଏନ.ଗଙ୍ଗାଧର ପାତ୍ର, ପ୍ରତାପ ଚନ୍ଦ୍ର ମିଶ୍ର, ପୂର୍ଣ୍ଣ ଚନ୍ଦ୍ର ବେହେରା, ସୁନୀଲ କୁମାର ବେହେରା, କେ. ହୃଷିକେଶ ରେଡ୍ଡୀ ଉପସ୍ଥିତ ଥିଲେ।

# ଖଡ଼ଗ ନଦୀରେ ପୋଲ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର

ଦାରିଙ୍ଗବାଡି, ୧୨।୫(ଡି.ଏନ.ଏ)

ଦାରିଙ୍ଗବାଡ଼ିର ଖଡ଼ଗ ନଦୀ ଉପରେ ପୋଲ ନିର୍ମାଣ ପାଇଁ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥିଙ୍କ ମଧ୍ୟରେ ଦାରିଙ୍ଗବାଡି ବ୍ଲକ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ପ୍ରଧାନ, ଟିଡିସିସିଓଏଲର ରାଜ୍ୟ ଉପାଧକ୍ଷ ଦିଲୀପ କୁମାର ପ୍ରଧାନ ଓ ସ୍ଥାନୀୟ ଜନ ପ୍ରତିନିଧିମାନେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ରମାକାନ୍ତ ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ବେହେରା ଉପସ୍ଥିତ ଥିଲେ। ଏକଦା ଖଡ଼ଗ ନଦୀ କହିଲେ ଲୋକଙ୍କ ଛାତି ଥରୁଥିଲା। ଉକ୍ତ ନଦୀ ବର୍ଷା ଦିନରେ


ଉପସ୍ଥିତ ବିଧାୟକଙ୍କ ସହ ଅନ୍ୟମାନେ।

ଏକାଧିକ ଲୋକ ଓ ଗୃହପାଳିତ ପ୍ରାଣୀଙ୍କ ଜୀବନ ନେଇଛି। ଛାତ୍ରୀଛାତ୍ରଙ୍କ ବର୍ଷା ଦିନରେ ବିଦ୍ୟାଳୟ ଯିବା ଏକ ପ୍ରକାର ଠପ ହୋଇଯାଏ। ଉକ୍ତ ଖଡ଼ଗ ନଦୀ ୫୯ନଂ ଜାତୀୟର ଲକଟି ଠାରୁ ତିଲୋରୀ ପଞ୍ଚାୟତକୁ ସଂଯୋଗ କରୁଛି ତେବେ ଦିର୍ଘ ବର୍ଷ ଧରି ଅଞ୍ଚଳବାସୀ ଖଡ଼ଗ ନଦୀରେ ପୋଲ ନିର୍ମାଣ ପାଇଁ ଦାବି କରୁଥିଲେ। ଜିଲା ପ୍ରଶାସନ ୨୦୧୪ରୁ ପ୍ରୟାସ କରିଥିଲେ ସୁଦ୍ଧା ଅନୁଦାନ ଆସିପାରିନଥିଲା। ଏବେ ବିଧାୟକ ଉକ୍ତ ପୋଲ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଜଣାଇବା ପରେ ବିଜୁ ସେତୁ ଯୋଜନାରେ

## ତିଲୋରୀ ଓ ବୁଢ଼ାଗୁଡାବାସୀଙ୍କ ସମସ୍ୟା ଦୂର ହେଲା

- ନଦୀରେ ଭାସିଥିଲେ ଏକାଧିକ ଲୋକ
- ସ୍ୱାଧୀନତାର ୭୬ ବର୍ଷ ପରେ ଲୋକଙ୍କ ଗୁହାରି ଶୁଣିଲେ ସରକାର

୫କୋଟି ୪୮ ଟଙ୍କା ଅନୁଦାନ ଆସିଛି । ଶୁକ୍ରବାର ଏହାର ଭିତ୍ତିପ୍ରସ୍ତର କରାଯାଇଛି। ଏହି ପୋଲ କାର୍ଯ୍ୟ ୨୦୨୫ ସୁଦ୍ଧା ଶେଷ କରାଯାଇ ଲୋକାର୍ପଣ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ବୁଢ଼ାଗୁଡାଠାରୁ ବୁରାଙ୍ଗିଆକୁ ସଂଯୋଗ କରୁଥିବା ୮ କି. ମି ରାସ୍ତା ସମ୍ପ୍ରସାରଣ କରାଯିବ । ସେଥିପାଇଁ ବିଧାୟକ ଏହାକୁ ମଧ୍ୟ ଭିତ୍ତି ପ୍ରସ୍ତର କରିଛନ୍ତି। ଏହି ରାସ୍ତା ପାହାଡ଼ ଉପରେ ଯାଇଥିବା ବେଳେ ପାଦ ଚଲା ରାସ୍ତା ରହିଥିଲା । ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସମ୍ପ୍ରସାରଣ ପାଇଁ ପ୍ରାୟ ୭ କୋଟି ଟଙ୍କା ଅନୁଦାନ ରହିଛି। ଆସନ୍ତା ଏକ ବର୍ଷ ମଧ୍ୟରେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଶେଷ କରାଯିବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ରମାକାନ୍ତ ପଟ୍ଟନାୟକ କହିଛନ୍ତି । ଦୀର୍ଘ ଦିନର ସ୍ୱପ୍ନ ପୂରଣ ହୋଇଥିବାରୁ ବୁଢ଼ାଗୁଡା ସମେତ କୁକେରମାହା, ଡାଡେରମୁଣ୍ଡା, ବୁରାଙ୍ଗିଆବାସୀ ସ୍ଥାନୀୟ ବିଧାୟକଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି। ବୁଢ଼ାଗୁଡ଼ାର ଏହି କାର୍ଯ୍ୟକ୍ରମକୁ ସରପଞ୍ଚ ତାତୁରା ପ୍ରଧାନ, ସମିତିସଭ୍ୟ ଶ୍ରୀକାନ୍ତ ପ୍ରଧାନ ପରିଚାଳନା କରିଥିଲେ।

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ଜାତୀୟ ଲୋକ ଅଦାଲତ, ସ୍ଥାନ–ଜିଲା କୋର୍ଟ, ସମୟ–ପୂର୍ବାହ୍ନ ୧୦ଟା ୩୦।

## ସଂକ୍ଷେପରେ

### ଗଞ୍ଜେଇ ଭର୍ତ୍ତି ଅଟୋ ଜବତ, ଜଣେ ଗିରଫ

**ବ୍ରହ୍ମପୁର ଅଫିସ,୧୨।୫:** ଅବକାରୀ ଗୁଇନ୍ଦା ଟିମ ଶୁକ୍ରବାର ଏକ ଗଞ୍ଜେଇ ଭର୍ତ୍ତି ଅଟୋ ଜବତ କରିବା ସହିତ ଜଣେ ଚାଲାଣକାରୀଙ୍କୁ ଗିରଫ କରିଛି। ସେ ହେଉଛନ୍ତି ବଡଗଡ ଥାନା ଅନ୍ତର୍ଗତ ବଡଚିକିଲି ଗ୍ରାମର ପ୍ରମୋଦ କୁମାର ନାୟକ। ଫୁଲବାଣୀରୁ ଆସ୍କା ଦେଇ ବ୍ରହ୍ମପୁରକୁ ଗଞ୍ଜେଇ ଚୋରାଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ଖବର ମିଳିଥିଲା। ଅବକାରୀ ଗୁଇନ୍ଦା ଉପ ଅଧିକ୍ଷକ କୁବେର ସେଠୀଙ୍କ ନେତୃତ୍ୱରେ ଏକ ଟିମ ଶୁକ୍ରବାର ଆସ୍କା କାଳକଣ୍ଠପୁର ଛକରେ ଯାନବାହନ ଚେକିଂ କରୁଥିଲା। ସେହି ରାସ୍ତା ଦେଇ ଆସୁଥିବା ଏକ ଅଟୋ (ନଂ ଓଡ଼ି ୩୨ସି - ୯୬୩୯)କୁ ଅଟକାଇ ଯାଞ୍ଚ କରାଯାଇଥିଲା। ସେଥିରେ ଦୁଇଟି ଜରି ବସ୍ତାରେ ୧୫୦ କେଜି ରହିଥିବା ଜଣାପଡିଥିଲା। ଚାଲାଣକାରୀ ଜଣଙ୍କ ପ୍ରମୋଦ କୁମାର ନାୟକ ହୋଇଥିବା ବେଳେ ସେ ଉକ୍ତ ଗଞ୍ଜେଇ ଫୁଲବାଣୀରୁ ବେଆଇନ ଭାବେ ଚାଲାଣ କରୁଥିବା ଅବକାରୀ ଟିମ ପକ୍ଷରୁ ସୂଚନା ମିଳିଛି। ଜବତ ଗଞ୍ଜେଇ ଓ ଅଟୋର ମୂଲ୍ୟ ୧୬ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ସେଠୀ କହିଛନ୍ତି। ମାମଲା ନମ୍ବର ୭୩/୨୩-୨୪ରେ ପ୍ରମୋଦଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଗୁଇନ୍ଦା ଇନ୍ସପେକ୍ଟର ଡା.ଅଶୋକ ସାହୁ, ହୃଦୟ ଚନ୍ଦ୍ର ସାମନ୍ତ, ଏଏସଆଇ ବ୍ରଜ ବିହାରୀ ନାୟକ, କନେଷ୍ଟବଳ କପିଳାସ ଭତ୍ରା, ବଳରାମ ଜେନା, ସନ୍ତୋଷ ନାୟକ, କୁମୁଦ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

### ନାବାଳିକା ବଳାତ୍କାର ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୧୨।୫:** ଫାଷ୍ଟଟ୍ରାକ କୋର୍ଟ ବିଚାରପତି ଗଣେଶ୍ୱର ପତି ଶୁକ୍ରବାର ନାବାଳିକା ବଳାତ୍କାର ମାମଲାର ବିଚାର କରିଛନ୍ତି। ପ୍ରମାଣ ଅଭାବରୁ ସେ ଅଭିଯୁକ୍ତକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣକ ହେଉଛନ୍ତି ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପ୍ରତାପପୁରର ସନ୍ତୋଷ ଗୌଡ଼। ବିବରଣୀରୁ ପ୍ରକାଶ, ୨୦୧୭ ଜାନୁଆରୀ ୨୮ରେ ଖଲ୍ଲିକୋଟ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ୩ ମାସ ପରେ ଏପ୍ରିଲ ୧୪ ରେ ପୀଡ଼ିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସନ୍ତୋଷ ପ୍ରଥମେ ନାବାଳିକାଙ୍କୁ ପ୍ରଲୋଭିତ କରି ଅପହରଣ କରିଥିଲେ। ପୁରୀରେ ଏକ ଲଜରେ ରଖି ସେଠାରେ ସେ ତାଙ୍କ ଇଛା ବିରୋଧରେ ବଳାତ୍କାର କରିଥିଲେ ବୋଲି ପୀଡ଼ିତା ପୋଲିସକୁ କହିଥିଲେ। ପୋଲିସ ସନ୍ତୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛି ମାସ ପରେ ସେ ହାଇକୋର୍ଟରୁ ଜାମିନ ପାଇଥିଲେ। ବିଚାର ବେଳେ ୧୭ ଜଣ ସାକ୍ଷୀଙ୍କ ବୟାନ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ବିଚାରପତି ତାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ପ୍ରଦୀପ କୁମାର ଶତପଥୀ ମାମଲା ପରିଚାଳନା କରୁଥିଲେ।

### ପ୍ରଗତିଶୀଳ ଉତ୍କଳ ସମାଜ ପକ୍ଷରୁ ଆରଡିସିଙ୍କୁ ଦାବିପତ୍ର

ବ୍ରହ୍ମପୁର ଅଫିସ, ୧୨।୫: ପ୍ରଗତିଶୀଳ ଉତ୍କଳ ସମାଜ ପକ୍ଷରୁ ଶୁକ୍ରବାର ବିଭିନ୍ନ ଦାବି ସମୂହକୁ ନେଇ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆରଡିସି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଜାତୀୟ ରାଜପଥ ବିଭାଗୀୟ ମନ୍ତ୍ରୀ ନୀତିନ ଗଡକରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଆରଡିସିଙ୍କୁ ପ୍ରଦାନ କରାଯାଇଥିଲା। ଦାବିଗୁଡିକ ମଧ୍ୟରେ ବାତିଲ ହୋଇଥିବା ଗୋପାଳପୁର-ଦିଘା ପୂର୍ଣ୍ଣାଙ୍ଗ ପୂର୍ବ ଉପକୂଳ ଜାତୀୟ ରାଜପଥ ନିର୍ମାଣ ପୁନରାବୃତ୍ତି, ଇଚ୍ଛାପୁର-ପୁଇଁତଳା ୬ ଲାଇନ ବିଶିଷ୍ଟ ରାଜପଥ ନିର୍ମାଣ ଓ ଜହ୍ନିକୁଦା-ସାତପଡ଼ା ଚିଲିକା ଉପରେ ସେତୁ ନିର୍ମାଣ ପାଇଁ ସଂଘ ଦାବି କରିଛି। ଆଜିର ବିକ୍ଷୋଭରେ ସଂଘର ରାଜ୍ୟ ସମ୍ପାଦକ ସରୋଜ ରଞ୍ଜନ ପଟ୍ଟନାୟକଙ୍କ ସମେତ ମାନସ ରଞ୍ଜନ ପାତ୍ର, ସୁରେନ୍ଦ୍ର ନାଥ ରାଉତ, ରବିନ୍ଦ୍ର କୁମାର ନାୟକ, ବୃନ୍ଦାବନ ସେଠୀ, ତୋଫାନ ପ୍ରଧାନ, ଏ ଲୋକନାଥ ରେଡି ଓ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ବିଏସ୍‌କେୱାଇ କାର୍ଡରେ ଚିକିତ୍ସା ବିଫଳ ଅଭିଯୋଗ

## ଉପଜିଲାପାଳଙ୍କୁ ଦାବିପତ୍ର

ବ୍ରହ୍ମପୁର ଅଫିସ୍,୧୨।୫


କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଉପଜିଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରାଯାଉଛି।

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ମାଗଣା ସ୍ୱାସ୍ଥ୍ୟଗତ ଚିକିତ୍ସା ସେବା ପାଇବା ନିମନ୍ତେ ଅନୁମୋଦନ ପ୍ରଦାନ କରିବା ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦାୟିତ୍ୱହୀନତା ଓ ଅବହେଳା ଯୋଗୁଁ ସହରରେ ବିଭିନ୍ନ ରୋଗୀ ସମସ୍ୟାର ସମ୍ମୁଖୀନ ହେଉଥିବା ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ଅଭିଯୋଗ କରିଛି। ଏ ନେଇ କମିଟି ପକ୍ଷରୁ ଶୁକ୍ରବାର ବ୍ରହ୍ମପୁର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କମିଟି ପକ୍ଷରୁ କୁହାଯାଇଛି ଯେ, ରାଜ୍ୟ ସରକାର ଦରିଦ୍ର ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଏବଂ ଚିକିତ୍ସା ସେବା ସୁବିଧା ଯୋଗାଇ ଦେବା ନିମନ୍ତେ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ନିରାମୟ ଯୋଜନାରେ ମାଗଣା ଔଷଧ ଓ ମମତା ଯୋଜନାଠାରୁ ଆରମ୍ଭ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ମାଧ୍ୟମରେ ବିଭିନ୍ନ ଅପରେଶନ, ମାଗଣା ରହିବା ଓ ସ୍ୱାସ୍ଥ୍ୟ ସେବା ପାଇବାର ବ୍ୟବସ୍ଥା ରହିଛି। ବିଏସ୍‌କେୱାଇ କାର୍ଡ ମାଧ୍ୟମରେ ମାଗଣା ସ୍ୱାସ୍ଥ୍ୟ ଓ ଚିକିତ୍ସା ସେବା ସୁବିଧା କେବଳ ସରକାରୀ ଡାକ୍ତରଖାନା ନୁହେଁ ବରଂ ସରକାରଙ୍କ ସହ ସହବନ୍ଧିତ କିଛି ଘରୋଇ ଡାକ୍ତରଖାନା ଓ କ୍ଲିନିକରେ ମଧ୍ୟ ଉପଲବ୍ଧ ରହିଛି। କିନ୍ତୁ ଘରୋଇ ଡାକ୍ତରଖାନାରେ କିଛି ରୋଗର ଚିକିତ୍ସା ଓ ଅପରେଶନ ନିମନ୍ତେ ଏଥିପାଇଁ ନିଯୁକ୍ତ କିଛି ଅଧିକାରୀଙ୍କ ଅନୁମୋଦନର ଆବଶ୍ୟକତା ରହିଛି। କାର୍ଡ ମାଧ୍ୟମରେ ଘରୋଇ ଡାକ୍ତରଖାନା ଓ ଚିକିତ୍ସାଳୟରେ ଚିକିତ୍ସା ନିମନ୍ତେ ଅନୁମୋଦନ ଆଣିବା ବାଧ୍ୟତାମୂଳକ ଆବଶ୍ୟକତା ରହିଛି। କିନ୍ତୁ ଅନୁମୋଦନ ଦେବା ନିମନ୍ତେ ଉଦ୍ଦିଷ୍ଟ ଅଧିକାରୀଙ୍କ ଠାରୁ ରୋଗୀଟି ଅନୁମୋଦନ ନେବାକୁ ଗଲା ବେଳେ ସଂପୃକ୍ତ ଅଧିକାରୀମାନେ ଅଧିକାଂଶ ସମୟ ଅନୁପସ୍ଥିତ ରହୁଛନ୍ତି। ଫଳରେ ରୋଗୀ ଓ ତାଙ୍କ ସମ୍ପର୍କୀୟ ଅନେକ ସମୟରେ ହଇରାଣ ହରକତ ହେଉଛନ୍ତି। ଏଥିସହ ଅଧିକାରୀମାନେ ଅନୁମୋଦନ ଦେବାରେ ଟାଳ ଟୁଳ ନୀତି ଆପଣାଇ ପରିଶେଷରେ ବିଭିନ୍ନ ଆଳ ଦେଖାଇ ମନା କରିଦେବାରୁ ସଂପୃକ୍ତ କାର୍ଡରେ ପାଇବାକୁ ଥିବା ସୁବିଧାରୁ ଲୋକଙ୍କୁ ବଞ୍ଚିତ କରୁଥିବା ଅଭିଯୋଗ ହୋଇଛି। ଏଣୁ ଜିଲା ପ୍ରଶାସନ ଏହାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକଙ୍କ ସମେତ ସାଧାରଣ ସମ୍ପାଦକ ଶିବ ପ୍ରସାଦ ମିଶ୍ର, ସଂଗଠନ ସମ୍ପାଦକ ଶ୍ରୀକାନ୍ତ ପଢ଼ିହାରୀ, ସହ ସମ୍ପାଦକ ବି.ଭି ସାଗର, ଉପଦେଷ୍ଟା ଦେବୀ ପ୍ରସାଦ ଦାସ, ଅଜିତ ପଟ୍ଟନାୟକ ଓ କାହ୍ନୁଚରଣ ପତି ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରାଭେଲସ୍ ମାଲିକଙ୍କୁ ହତ୍ୟା ଉଦ୍ୟମ ଘଟଣା, ୪ କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ,୧୨।୫

ଗୋଶାଣିନୁଆଗାଁ ଥାନା ଅନ୍ତର୍ଗତ ହିଲପାଟଣା ଗଣେଶ ମନ୍ଦିର ନିକଟରେ ଥିବା 'ସମ୍ପର୍କ ଟ୍ରାଭେଲସ' ମାଲିକ କୁମୁଦ ରଞ୍ଜନ ବ୍ରହ୍ମାଙ୍କ ସମେତ ୩ଜଣଙ୍କୁ ବୁଧବାର ରାତିରେ ଖଣ୍ଡାରେ ଘାତକ ଆକ୍ରମଣ ହୋଇଥିଲା। ଏଥିରେ ଟ୍ରାଭେଲସ ମାଲିକ, କାର ଡ୍ରାଇଭର ସୁଦର୍ଶନ ଦାସ ଓ ଟ୍ରାଭେଲସ ସଂସ୍ଥାର ମ୍ୟାନେଜର ହରିହରି ପାଣଗ୍ରାହୀ ଗୁରୁତର ଆହତ ହୋଇଥିଲେ। ପୋଲିସ ଏହି ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ୪ଜଣଙ୍କୁ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ହିଲପାଟଣାର ମୁକ୍ତେଶ ସାହୁ ଓରଫ ମୁକେଶ, ଗୋଶାଣିନୁଆଗାଁ ନେହରୁନଗର ୧୦ମ ଲାଇନର ସିଏଚ. ରାବି ରେଡ୍ଡୀ, ରେଳବାଇ କଲୋନୀର କ୍ରିଷ୍ଣା ପାତ୍ର ଓ ମୋହନା ଥାନା ଅନ୍ତର୍ଗତ ଡ଼ରିମ୍ବା ଗ୍ରାମର ସୁଜିତ ରାଇକା। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି। ମାମଲା ନମ୍ବର ୧୨୬/୨୩ ରେ ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁର୍ବୃତ୍ତମାନେ ଏହି କାଣ୍ଡ ଘଟାଇଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

ପ୍ରକାଶ ଯେ, ଗତ ୧୦ ତାରିଖ ରାତିରେ 'ସମ୍ପର୍କ ଟ୍ରାଭେଲସ' ସମ୍ମୁଖରେ ଥିବା କାରଗୁଡିକୁ କେତେକ ଦୁର୍ବୃତ୍ତ ଲୁହାରଡ଼ରେ ଭାଙ୍ଗୁଥିଲେ। ସେଠାରେ ଥିବା ମ୍ୟାନେଜର ହରିହର ପ୍ରତିବାଦ କରିଥିଲେ। ଦୁର୍ବୃତ୍ତମାନେ ପ୍ରଥମେ ହରିହରଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ସେ ଦୌଡ଼ିଯାଇ ମାଲିକ କୁମୁଦ ରଞ୍ଜନ ବ୍ରହ୍ମାଙ୍କୁ ଖବର ଦେଇଥିଲେ। ମାଲିକ ସେଠାରେ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିଥଲେ। ହେଲେ ଦୁର୍ବୃତ୍ତମାନେ କୁମୁଦଙ୍କୁ ମଧ୍ୟ ମରଣାନ୍ତକ ଆକ୍ରମଣ କରିଥିଲେ। ଟ୍ରାଭେଲସ କାର୍ଯ୍ୟାଳୟ ଭିତରେ ଥିବା ଡ୍ରାଇଭର ସୁଦର୍ଶନ ଦାସ ମାଲିକଙ୍କୁ ବଞ୍ଚାଇବାକୁ ଯାଇ ଆକ୍ରମଣର ଶିକାର ହୋଇଥିଲେ। ସେଠାରେ ଲୋକମାନେ ରୁଣ୍ଡ ହୋଇଯିବା ଦେଖି ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଏମ୍‌କେସିଜି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଗୋଶାଣି ନୂଆଗାଁ ପୋଲିସ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଥିଲା।

# ଦିନକରେ ୩ ଡକାୟତି

ବ୍ରହ୍ମପୁର ଅଫିସ,୧୨।୫

ବ୍ରହ୍ମପୁର ସହରରେ ଦିନକ ମଧ୍ୟରେ ୩ଟି ଡକାୟତି ଘଟଣା ନଜରକୁ ଆସିଛି। ଦୁଇଟି ଥାନା ଇଲାକାରେ ହୋଇଥିବା ଏହି ଘଟଣା ଲୋକଙ୍କ ମଧ୍ୟରେ ଆତଙ୍କର ବାତାବରଣ ସୃଷ୍ଟି କରିଛି। ସୂଚନା ଅନୁସାରେ ଗତ ୧୦ତାରିଖ ରାତି ୧ଟା ବେଳେ ଦିଗପହଣ୍ଡି ଥାନା କରପଡ଼ା ଗ୍ରାମରେ ରହୁଥିବା ଶିକ୍ଷକ ପ୍ରଶାନ୍ତ ଦିଗାଲ ଘରକୁ ଫେରୁଥିଲେ। ଦୁଇଟି ବୁଲେଟରେ ଆସି ୬ଜଣ ଯୁବକ ତାଙ୍କୁ ଅଟକାଇଥିଲେ। ସେମାନେ ତାଙ୍କର ବାଇକ୍ ଚାବି ଛଡ଼ାଇ ନେଇ ତାଙ୍କୁ ଆକ୍ରମଣ କରି ତାଙ୍କର ଦୁଇଟି ଦାମୀ ମୋବାଇଲ୍ ଲୁଟ୍ କରି ଚମ୍ପଟ ମାରିଥିଲେ। ସଦର ଥାନା ପୋଲିସ କେସ୍ ନମ୍ବର ୨୫୭/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେହିପରି ଗୁରୁବାର ସକାଳ ପ୍ରାୟ ୫ଟା ବେଳେ ଲାଞ୍ଜିପଲ୍ଲୀ କେଶବନଗରର ପ୍ରଭୁପ୍ରସାଦ ବେହେରା ପ୍ରାତଃ ଭ୍ରମଣରେ ବାହାରିଥିଲେ। ଏହି ସମୟରେ ଖଜୁରିଆ ରାସ୍ତାରେ ଦୁଇଟି ବୁଲେଟରେ ୬ଜଣ ଯୁବକ ଆସି ତାଙ୍କର ସୁନା ମୁଦି ଓ ୧ହଜାର ଟଙ୍କା ଲୁଟି ନେଇଥିଲେ। ଏପରିକି ତାଙ୍କୁ ବନ୍ଧୁକ ଦେଖାଇ ଧମକ୍ ଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଗୋଷଣୀ ନୂଆଗାଁ ଥାନା ପୋଲିସ କେସ୍ ନମ୍ବର ୧୨୭/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେହିପରି ଗୁରୁବାର ଅପରାହ୍ନ ୪ଟା ଜଣେ ବ୍ୟକ୍ତିଙ୍କୁ ମାରଣାସ୍ତ୍ର ଦେଖାଇ ତାଙ୍କ ଠାରୁ ଟଙ୍କା ଓ ମୋବାଇଲ ଲୁଟ୍ ହୋଇଥିଲା। ଶ୍ରୀରାମନଗରର ଧନୁ ସାହୁ ହଳଦିଆପଦରସ୍ଥିତ ଏକ ପରିବା ବଜାରକୁ ଯାଇ ଫେରୁଥିଲେ। ଏହି ସମୟରେ ୬ଜଣ ଯୁବକ ଦୁଇଟି ବୁଲେଟରେ ଆସି ପୁରୁଣା ଗୋଷାଣି ନୂଆଗାଁ ଥାନା ସମ୍ମୁଖରେ ତାଙ୍କୁ ଅଟକାଇଥିଲେ। ସେହି ଯୁବକମାନେ ତାଙ୍କୁ ମାଉଜର୍ ଦେଖାଇ ତାଙ୍କୁ ଭୟଭୀତ କରିବା ସହ ତାଙ୍କ ପାଖରେ ଥିବା ୨ହଜାର ଟଙ୍କା ଓ ମୋବାଇଲ୍ ଲୁଟି ନେଇଥିଲେ। ଏନେଇ ଧନୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ୍ ନମ୍ବର ୧୨୮/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଟିପିଏସ୍‌ଓଡିଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ


ଟିପିଏସଓଡିଏଲ ସର୍କଲ କାର୍ଯ୍ୟାଳୟ ସମ୍ମୁଖରେ ସଂଘର କର୍ମକର୍ତ୍ତାମାନେ ବିକ୍ଷୋଭ କରୁଛନ୍ତି।

ବ୍ରହ୍ମପୁର ଅଫିସ,୧୨।୫

ଆଇଟିଆର ଟ୍ରେନିଂପ୍ରାପ୍ତ କୁଶଳୀ ବିଦ୍ୟୁତ ଓ ଶ୍ରମିକ କର୍ମଚାରୀଙ୍କ ମୌଳିକ ଦାବି ପ୍ରତି ଅଣଦେଖା ଓ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ଶୁକ୍ରବାର ବିଦ୍ୟୁତପୁର କଲୋନୀସ୍ଥିତ ଟିପିଏସଓଡିଏଲ ବ୍ରହ୍ମପୁର ସର୍କଲ କାର୍ଯ୍ୟାଳୟ ସମ୍ମୁଖରେ କଳା ବ୍ୟାଜ ପିନ୍ଧି ଓଡିଶା ବିଦ୍ୟୁତ କର୍ମଚାରୀ ମହାସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ଟାଟା ପାୱାର ଦକ୍ଷିଣାଞ୍ଚଳ ଜୋନ ପକ୍ଷରୁ ଅସ୍ଥାୟୀ କର୍ମଚାରୀଙ୍କୁ ନିୟମିତ ନେଇ ଏକ ସୁଯୋଗ ସୃଷ୍ଟି କରାଯାଇଥିଲା। ଏଥିରେ ୯୦୦ କର୍ମଚାରୀ ଅଂଶଗ୍ରହଣ କରି ପରୀକ୍ଷା ମଧ୍ୟ ଦେଇଥିଲେ। କିନ୍ତୁ ୨ ମାସ ବିତିଯାଇଥିଲେ ମଧ୍ୟ କୌଣସି ପରୀକ୍ଷା ଫଳ ପ୍ରକାଶ ପାଇ ନ ଥିବା ସଂଘ ଅଭିଯୋଗ କରିଛି। ଏଥିସହ ପୁରୁଣା କର୍ମଚାରୀଙ୍କୁ ନିୟମିତ ଚାକିରିର ସୁଯୋଗ ଦେଇ ନୂତନ ଭାବେ ଅଣ ଓଡିଆ ୧୧୦୦ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଯାହାକୁ ବିରୋଧ କରି ସଂଘ ପକ୍ଷରୁ ଆସନ୍ତା ୧୫ ତାରିଖ ଯାଏଁ ଦକ୍ଷିଣାଞ୍ଚଳ ବିଦ୍ୟୁତ କ୍ଷେତ୍ରର ୯ଟି ଜିଲା ୧୯ଟି ଡିଭିଜନର ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ଠିକା ଓ ନିୟମିତ କର୍ମଚାରୀ କଳାବ୍ୟାଜ ପିନ୍ଧି ପ୍ରତିବାଦ କରିଛନ୍ତି। ଆସନ୍ତା ୧୫ ତାରିଖ ମଧ୍ୟରେ ଦାବି ପୂରଣ ନ ହେଲେ ବ୍ରହ୍ମପୁର ଟାଟା ପାୱାର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ ସମୟ ଯାଏଁ ଧର୍ମଘଟ କରାଯିବ ବୋଲି ସଂଘ ଚେତାବନୀ ଦେଇଛି। ପ୍ରତିବାଦରେ ମହାସଂଘର ଜୋନାଲ ସଂପାଦକ ମନୋରଞ୍ଜନ ବିଶ୍ୱାଳ, ଉପସଭାପତି ଧନଞ୍ଜୟ ପରିଡା, ଯୁଗ୍ମ ସଂପାଦକ ରମେଶ ଚନ୍ଦ୍ର ତରାଇଙ୍କ ସମେତ ମହେନ୍ଦ୍ର ନାଥ, ସଂଜୀବ ଜେନା, ଦେବୀ ପ୍ରସାଦ ପଟ୍ଟନାୟକ, ସରୋଜ ଆଚାରୀ, ଲମ୍ବୋଦର ଜେନାଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com


@ ଶ୍ରୀ


@ ରାଜୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଲରୁ ମିଳିଲା ଯୁବକଙ୍କ କ୍ଷତାକ୍ତ ମୃତଦେହ

## ପୂର୍ବଶତ୍ରୁତାରୁ ହତ୍ୟା ସନ୍ଦେହ

ବ୍ରହ୍ମପୁର ଅଫିସ,୧୨।୫

ସଦର ଥାନା ଅନ୍ତର୍ଗତ ଲାଠିରୁ ସୁକୁଣ୍ଡା ରାସ୍ତାରେ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ନିକଟସ୍ଥ କ୍ଷେତରୁ ଶୁକ୍ରବାର ସକାଳେ ମିଳିଛି। ତାଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣି ହତ୍ୟା କରାଯାଇଛି। ଏହି ଘଟଣା ପ୍ରଚାରିତ ହେବା ପରେ ଲାଠି ଓ ଆଖପାଖ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ମୃତକ ଜଣକ ହେଉଛନ୍ତି ସଦର ଥାନା ଅନ୍ତର୍ଗତ ବାଉରୀ ସୁକୁଣ୍ଡା ଗ୍ରାମର ଗଙ୍ଗା ଦାସ(୩୦)। ସେ ଡ୍ରାଇଭର୍ ଭାବେ କାମ କରୁଥିଲେ। ଶୁକ୍ରବାର ସକାଳେ ଘଟଣା ଜଣାପଡ଼ିବା ପରେ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ପୋଲିସ ଏକ ମୋବାଇଲ୍ ଓ ବାଇକ୍ ଜବତ କରିଛି। ତାହା ଗଙ୍ଗାର ବୋଲି ପୋଲିସ ତଦନ୍ତରେ ଜଣାପଡ଼ିଛି। ପୁଷ୍ପା ଦାସଙ୍କ ଅଭିଯୋଗ ଅନୁସାରେ ପୋଲିସ ୨୫୮/୨୩ ରେ ଏକ ମାମଲା ରୁଜୁ କରିଛି। ଗଙ୍ଗା ବ୍ରହ୍ମପୁରରେ ଡ୍ରାଇଭର୍ ଭାବେ କାମ କରୁଥିଲେ। ସେ ଗୁରୁବାର ରାତିରେ କାମ ସାରି ଘରକୁ ଫେରୁଥିଲେ। ରାତି ପ୍ରାୟ ୧୦ଟା ବେଳେ ତାଙ୍କର ସ୍ତ୍ରୀ ପୁଷ୍ପା ଦାସ ସ୍ୱାମୀ ଗଙ୍ଗାଙ୍କୁ ଫୋନ୍ କରିଥିଲେ। କିଛି କାମ ଅଛି, ଘରକୁ ଯିବାରେ ବିଳମ୍ବ ହେବ ବୋଲି ଗଙ୍ଗା କହିଥିଲେ। କିନ୍ତୁ ରାତି ୧୨ଟା ପରେ ମଧ୍ୟ ସେ ଘରକୁ ଫେରି ନଥିଲେ। ଏହାପରେ ପୁଷ୍ପା ପୁଣିଥରେ ତାଙ୍କ ସ୍ୱାମୀ ଗଙ୍ଗାଙ୍କୁ ଫୋନ୍ କରିଥିଲେ। ହେଲେ କେହି ଫୋନ୍ ଉଠାଇ ନଥିଲେ। ଶୁକ୍ରବାର ସକାଳେ ଲାଠି–ସୁକୁଣ୍ଡା ରାସ୍ତା କୁମୁଟି ବନ୍ଧ ନିକଟସ୍ଥ ଏକ କ୍ଷେତରେ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ସେମାନେ ପୋଲିସକୁ ଖବର କରିବା ପରେ ସଦର ଥାନା ପୋଲିସ ସେଠାରେ ପହଞ୍ଚିଥିଲା। ଖବର ପାଇ ମୃତ ଗଙ୍ଗାଙ୍କ ସ୍ତ୍ରୀ ପୁଷ୍ପା ଦାସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ୱାମୀଙ୍କ ମୃତଦେହ ଚିହ୍ନଟ କରିଥିଲେ। ଗଙ୍ଗା ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି। ତାଙ୍କୁ କେଣସି ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରାଯାଇଛି। ରାସ୍ତା କଡ଼ରେ ତାଙ୍କର ବାଇକ୍ ରହିଥିବା ବେଳେ ନିକଟରେ ମୋବାଇଲ୍ ପଡ଼ିଥିବା ଦେଖିବାକୁ ମିଳିଛି। ତେବେ ଗୁରୁବାର ରାତିରେ ତାଙ୍କୁ କିଛି ଦୁର୍ବୃତ୍ତ ଗୋଡ଼ାଇ ଗୋଡ଼ାଇ ହାଣି ହତ୍ୟା କରି ଚମ୍ପଟ ମାରିଥିବା ପୋଲିସ ସନ୍ଦେହ କରୁଛି। ପୂର୍ବ ଶତ୍ରୁତାରୁ ଏଭଳି ହତ୍ୟାକାଣ୍ଡ ଘଟିଥିବା ପୋଲିସ ଅନୁମାନ କରୁଛି।

# ନିୟମିତ ହେଉନି ବିଇଏମସି ସାଧାରଣ ବୈଠକ

- ଶାସକ-ବିରୋଧୀ କର୍ପୋରେଟରଙ୍କ ଅଭିଯୋଗ
- ମିଶନ ଶକ୍ତି ହବ୍ ନିର୍ମାଣ ଦାବି

ବ୍ରହ୍ମପୁର ଅଫିସ,୧୨।୫



ବୈଠକରେ ମେୟର, ଏମପି, ବିଧାୟକ, କମିଶନର ପ୍ରମୁଖ ମଞ୍ଚାସୀନ।

ବ୍ରହ୍ମପୁର ମହାନଗର ନିଗମ (ବିଇଏମସି)ର ସାଧାରଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗତ ବର୍ଷର ପୌର ନିର୍ବାଚନ ପରେ ନୂଆ ପରିଷଦ ଗଠନର ବର୍ଷେ ବିତିଛି ଓ ଏହି ସମୟ ଭିତରେ ଏହାକୁ ମିଶାଇ ମାତ୍ର ୩ଟି ସାଧାରଣ ବୈଠକ ହୋଇଥିବାରୁ ୱାର୍ଡଗୁଡ଼ିକର ସମସ୍ୟା ନେଇ ଆଲୋଚନା ହୋଇପାରୁ ନ ଥିବା ଦର୍ଶାଇ କେତେକ କର୍ପୋରେଟର ଅସନ୍ତୋଷ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ବୈଠକର ଦିନକ ପୂର୍ବରୁ ଏଜେଣ୍ଡା ଦିଆଯାଇଥିବାରୁ ନିର୍ବାଚିତ ପ୍ରତିନିଧିମାନେ ଆଲୋଚନା ପାଇଁ ପ୍ରସ୍ତୁତ ହୋଇପାରୁନଥିବା ସଂଗୀନ ଅଭିଯୋଗ କରାଯାଇଥିଲା। ନିୟମ ପ୍ରକାରେ ପ୍ରତି ମାସେ ବା ଦୁଇ ମାସରେ ସାଧାରଣ ବୈଠକ ପାଇଁ ଦାବି କରାଯାଇଥିଲା। ମେୟର ସଂଘମିତ୍ରା ଦଳେଇ ଅଧ୍ୟକ୍ଷତା କରିଥିଲେ। ଏମ୍‌ପି ଚନ୍ଦ୍ରଶେଖର ସାହୁ ଓ ବିଧାୟକ ବିକ୍ରମ କୁମାର ପଣ୍ଡା ଉପସ୍ଥିତ ଥିଲେ। ମହାନଗରର ସର୍ବାଙ୍ଗୀନ ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁ ପ୍ରକାର ସହଯୋଗ କରୁଛନ୍ତି। ତେଣୁ ଦଳମତ ନିର୍ବିଶେଷରେ କର୍ପୋରେଟରମାନେ ବିକାଶ ପ୍ରକ୍ରିୟାରେ ସାମିଲ ହେବାକୁ ଏମ୍‌ପି ଓ ବିଧାୟକ ଆହ୍ୱାନ ଦେଇଥିଲେ।

ପ୍ରାରମ୍ଭରେ ଗତ ଡିସେମ୍ବର ୨୩ର ସାଧାରଣ ବୈଠକ ଏବଂ ଚଳିତ ବର୍ଷ ମାର୍ଚ୍ଚ ୨୯ରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକର କାର୍ଯ୍ୟାବଳୀ ଦୃଢ଼ୀକରଣ କରାଯାଇଥିଲା। ବହୁ କୋଟି ଟଙ୍କା ବ୍ୟୟରେ କରାଯାଉଥିବା ବେଢ଼ା ବନ୍ଧ ପୁନରୁଦ୍ଧାର ଏବଂ ଆଧୁନିକୀକରଣ ଦ୍ୱାରା ଆଗାମୀ ଦିନରେ ଏହା ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହେବ। ତେଣୁ ଅନ୍ଧପସରା ରୋଡ ଠାରୁ ବେଢ଼ା ବନ୍ଧ ପର୍ଯ୍ୟନ୍ତ ଥିବା ମାତ୍ର ୧୦ ଫୁଟିଆ ରାସ୍ତାକୁ ଓସାରିଆ କରାଯିବା ନିମନ୍ତେ ଘରୋଇ ଜମି ଅଧିଗ୍ରହଣ କରାଯିବାର ନିଷ୍ପତ୍ତି ନିଆଯାଇଛି। ଏହାର ଡିଟେଲ ରିପୋର୍ଟ ସପ୍ତାହକ ମଧ୍ୟରେ ପ୍ରସ୍ତୁତ କରିବାକୁ ବିଇଏମସି ଇଞ୍ଜିନିୟର ଓ ଅନ୍ୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

ମହାନଗରର ବିଭିନ୍ନ ପୋଖରୀ ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଇଛି। ତେବେ ପୁରାତନ କମାପଲ୍ଲୀ ପୋଖରୀ ପ୍ରତି ଅଣଦେଖା କରାଯାଇଥିବା ୩୨ନଂ ବିଜେଡି କର୍ପୋରେଟର ସୁରେନ୍ଦ୍ର ମହାରଣା ଅଭିଯୋଗ କରିଥିଲେ। ପ୍ରାୟ ୫୦ ଲକ୍ଷ ଟଙ୍କାର ଯୋଜନାକୁ କାହିଁକି କାର୍ଯ୍ୟକାରୀ କରାଯାଉନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ପୁଣି ରି'ଟେଣ୍ଡର ହେବ ଏବଂ କମାପଲ୍ଲୀ ବନ୍ଧ ଆଧୁନିକୀକରଣ କରାଯିବା ବୋଲି ମେୟର ଓ କମିଶନର ଜେ. ସୋନାଲ ଉତ୍ତର ରଖିଥିଲେ। ଅନ୍ୟପକ୍ଷରେ ପୌର ଗେଷ୍ଟ ହାଉସ ପଛପଟେ ଥିବା ବିସ୍ତୃତ ଜମି ପଡ଼ିଆ ପଡ଼ିଛି। ସେଠାରେ ନିଗମ ପକ୍ଷରୁ ମିଶନ ଶକ୍ତି ହବ୍ ନିର୍ମାଣ ପାଇଁ ସୁରେନ୍ଦ୍ର ଆଉ ଏକ ଦାବି କରିଥିଲେ। ଏସ୍‌ଏଚ୍‌ଜିର ପ୍ରସ୍ତୁତ ସମସ୍ତ ସାମଗ୍ରୀର କାରବାର ନିମନ୍ତେ ବଜାର ଖୋଲାଯିବାକୁ ସେ ପ୍ରସ୍ତାବ ଦେଇଥିଲେ। ଏହା ଉପରେ ବିଚାର କରାଯିବା ବୋଲି ମେୟର ଓ କମିଶନର ସୂଚାଇଥିଲେ। ଗତ ମାସ ଗୁଡ଼ିକର ଆୟ ଓ ବ୍ୟୟ ରିପୋର୍ଟ ବୈଠକରେ ଉପସ୍ଥାପିତ କରାଯାଇଥିଲା। ଟେବୁଲ ଏଜେଣ୍ଡାରେ ବିଭିନ୍ନ ପ୍ରସଙ୍ଗ ଉଠିଥିଲା। ପୌର ସଂସ୍ଥାର ଐତିହ୍ୟ ଗେଷ୍ଟ ହାଉସ (ଅତିଥି ଭବନ)କୁ ଦୁଇବର୍ଷ ତଳେ ସରକାରୀ ପରିଚାଳନା ସମୟରେ ଘରୋଇ ମାଲିକାନାକୁ ଦିଆଯାଇଥିବା ଲିଜ୍ ବାତିଲ ଲାଗି ଭାଜପା କର୍ପୋରେଟର ପ୍ରଦୀପ ଶତପଥୀ ଦାବି କରିଥିଲେ। ଏହାକୁ ବିଜେଡି କର୍ପୋରେଟର ସୁରେନ୍ଦ୍ର ମହାରଣା ଓ ଅନ୍ୟମାନେ ସମର୍ଥନ କରିଥିଲେ। ଲିଜ୍‌ଧାରୀ ଗେଷ୍ଟ ହାଉସ ନାମ ବଦଳାଇଥିବା ଏବଂ ଚୁକ୍ତିନାମା ଖିଲାପ କରୁଥିବା ବିରୋଧୀ ଓ ଶାସକ ଦଳ ଜନପ୍ରତିନିଧି ଅଭିଯୋଗ ବାଢ଼ିଥିଲେ। ତେବେ ଏହା ଉପରେ ମେୟର ଓ କମିଶନର ଟିପ୍ପଣୀ ଦେଇନଥିଲେ। ବିଭିନ୍ନ ପ୍ରସଙ୍ଗରେ ତ୍ରିପତି ପାତ୍ର, ପ୍ରଶାନ୍ତ ପଟ୍ଟନାୟକ, ବନିତା ସାହୁ, ସନ୍ଧ୍ୟାରାଣୀ ଶୁକ୍ଳ, ମମତା ପାତ୍ର, ନୀଳକଣ୍ଠ ସାହୁ, ଧୀରେଶ ସାବତ, ନରସିଂହ ସେଠୀ, ବବି ନାୟକ, ସମୀର ମିଶ୍ର, ଗୀତାରାଣୀ ପଣ୍ଡା, ଟି. କିଶୋର ପ୍ରମୁଖ ଆଲୋଚନା କରିଥିଲେ। ଡେପୁଟି ମେୟର ବିବେକ ରେଡି ଏବଂ ବିଇଏମ୍‌ସିର ଅଧିକାରୀ ଓ ଇଞ୍ଜିନିୟରମାନେ ଉପସ୍ଥିତ ଥିଲେ।

